# NATIONAL NEWS BULLETIN (ODIA)

## 21st June' 2026

## Morning Bulletin : 8.37 a.m.

*******************************

## ମୁଖ୍ୟ ସମ୍ବାଦ

- 'ସୁସ୍ଥ ଆୟୁପାଇଁ ଯୋଗ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ।

— ଯୋଗ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି; କହିଲେ ପ୍ରଧାନମନ୍ତ୍ରୀ ।

- କୋଲ୍‌କାତାରୁ ୩ଟି ଯୁଦ୍ଧ ଜାହାଜକୁ ଆଜି ଭାରତୀୟ ନୌସେନାରେ ସାମିଲ୍ କରିବେ ପ୍ରଧାନମନ୍ତ୍ରୀ ।

- ଦେଶର ୫୫୧ଟି ସହରରେ ଆଜି ଅନୁଷ୍ଠିତ ହେବ ନୀଟ୍-ୟୁ.ଜି. ପୁନଃ ପ୍ରବେଶିକା ପରୀକ୍ଷା ।

ଏବଂ

- ତିନି ସିରିଜ୍ ବିଶିଷ୍ଟ କ୍ରିକେଟ୍ ଫାଇନାଲ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ-ଏ ଓ ଶ୍ରୀଲଙ୍କା-ଏ ମଧ୍ୟରେ ମ୍ୟାଚ୍ ।

# ଯୋଗ ଡେ

ଯୋଗର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱବ୍ୟାପୀ ଦ୍ୱାଦଶ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି, "ସୁସ୍ଥ ଆୟୁ ପାଇଁ ଯୋଗ" । ଏହା ମାଧ୍ୟମରେ ସମସ୍ତ ବୟସ ବର୍ଗର ଲୋକଙ୍କ ପାଇଁ ଯୋଗର ଗୁରୁତ୍ୱ ଓ ସୁସ୍ଥ ଜୀବନଶୈଳୀ ଗଠନରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଉଛି । ଆନ୍ତର୍ଜାତିକ ଯୋଗଦିବସର ମୁଖ୍ୟ କାର୍ଯ୍ୟକ୍ରମ ପଶ୍ଚିମବଙ୍ଗ କୋଲ୍‌କାତାର ଐତିହାସିକ ରେଡ୍‌ରୋଡ୍‌ଠାରେ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ମୋଦି କହିଛନ୍ତି, ଯୋଗ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିରଖିଛି । ଯୋଗ କୌଣସି ଗୋଟିଏ ଆୟୁବର୍ଗ ପାଇଁ ସୀମିତ ନୁହେଁ, ବରଂ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ଯୋଗ ମାଧ୍ୟମରେ ବୟସ ବଢ଼ିବା ସହ ଜଣେ ବ୍ୟକ୍ତି ସୁସ୍ଥ ଓ ସକ୍ରିୟ ରହିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

***Voice (PM)*** :.......

ଏହି ଯୋଗ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ରେଡ୍‌ରୋଡ୍‌ରେ ଯୋଗଦେବା ସହ ଦେଶ ଓ ବିଦେଶର ବହୁ ନାଗରିକ ଆଭାସୀ ଜରିଆରେ ଭାଗ ନେଇଛନ୍ତି ।

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦୦ଟି ପ୍ରତୀକାତ୍ମକ ସ୍ଥାନରେ ଆନ୍ତର୍ଜାତିକ ଯୋଗଦିବସ ପାଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ନୂଆଦିଲ୍ଲୀର ଲାଲ୍‌କିଲ୍ଲା ସମେତ ଦେଶର ପ୍ରମୁଖ ୧୨ଟି ଐତିହାସିକ ସ୍ଥଳୀରେ ଯୋଗଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଉତ୍ତରାଖଣ୍ଡର ହରିଦ୍ୱାରା, ଓଡ଼ିଶାର କୋଣାର୍କ, କର୍ଣ୍ଣାଟକର ହାମ୍ପି, ତାମିଲନାଡୁର ମହାବଳୀପୁରମ୍, ମହାରାଷ୍ଟ୍ରର ମୁମ୍ବାଇ, ବିହାରର ନାଳନ୍ଦା, ଗୁଜରାଟର ଅହମ୍ମଦାବାଦ, ଉତ୍ତରପ୍ରଦେଶର ସାରନାଥ, ଲଦାଖ୍‌ର ଲେହ, ତେଲଙ୍ଗାନାର ହାଇଦ୍ରାବାଦ ଏବଂ ଆସାମର ସିଲ୍‌ଚରଠାରେ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ଜାରି ରହିଛି । ବିଶ୍ୱର ୨ ହଜାର ୫ଶହଟି ସ୍ଥାନରେ ମଧ୍ୟ ଯୋଗଦିବସ ପାଳନ କରାଯାଉଛି ।

୨୦୧୪ ମସିହାରେ ଜାତିସଂଘ ସାଧାରଣ ପରିଷଦରେ ଭାରତର ଯୋଗଦିବସ ପାଳନ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ୨୦୧୫ ମସିହାଠାରୁ ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯାଇଆସୁଛି । ଦେଶ ତଥା ବିଦେଶର ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ, ସଚେତନତା କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି । ଲକ୍ଷାଧିକ ଲୋକ ଯୋଗାଭ୍ୟାସରେ ସାମିଲ୍ ହୋଇ ସୁସ୍ଥ ଜୀବନପାଇଁ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ସଙ୍କଳ୍ପ ନେଉଛନ୍ତି ।

## ପ୍ରେଜ୍ - ଯୋଗ ଡେ ଜବଲପୁର

ମଧ୍ୟପ୍ରଦେଶର ଜବଲପୁରଠାରେ ଆଜି ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପତୀ ମୁର୍ମୁ ଯୋଗ ଦେଇଛନ୍ତି । ଆଉ ସଦରସ୍ଥିତ ଗ୍ୟାରିସନ୍ ପଡ଼ିଆରେ ଯୋଗ ଉତ୍ସବ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥବ ଭାବେ ଯୋଗଦେବେ । ରାଜ୍ୟପାଳ ମଙ୍ଗୁଭାଇ ପଟେଲ୍ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ପରେ ରାଷ୍ଟ୍ରପତି କୁନୋ ଜାତୀୟ ଉଦ୍ୟାନ ଗସ୍ତକରି ସେଠାରେ ବସବାସ କରୁଥିବା ସହରିଆ ଆଦିବାସୀ ସମ୍ପ୍ରଦାୟ, ଚିତା ଟ୍ରାକର୍ ଏବଂ କ୍ଷେତ୍ରିୟ ଦଳଗୁଡ଼ିକ ସହ ସାକ୍ଷାତ୍ ଆଲୋଚନା କରିବେ ।

## ଯୋଗ ଡେ - ଓ୍ୱେଷ୍ଟର୍ଣ୍ଣ କଣ୍ଟ୍ରିଜ୍

ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଗତକାଲି ବିଦେଶର ବହୁ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାନାଡ଼ାର ଟରଣ୍ଟୋଠାରେ ସରକାରୀ ଅଧିକାରୀ, କୂଟନୀତିଜ୍ଞ, ଯୋଗ ପ୍ରଶିକ୍ଷକ ଓ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦମାନେ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଭାଗ

ନେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଭାରତର କନ୍‌ସଲ୍ ଜେନେରାଲ୍ ଯୋଗର ଅସାଧାରଣ ଶକ୍ତି ବିଷୟରେ ଉପସ୍ଥାପନ କରି ଏହାର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ ।

ବ୍ରାଜିଲ୍‌ରେ ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ରାଷ୍ଟ୍ରଦୂତ ଦୀନେଶ ଭାଟିଆ ଯୋଗ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ । ଡେନ୍‌ମାର୍କରେ ରାଷ୍ଟ୍ରଦୂତ ମନୀଶ ପ୍ରଭାତଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳନ କରାଯାଇଥିଲା । ଶ୍ରୀ ପ୍ରଭାତ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦିବସର ବାର୍ତ୍ତା ପଢ଼ି ଶୁଣାଇଥିଲେ । ଓ୍ୱାଶିଂଟନ୍ ଡି.ସି.ରେ ମଧ୍ୟ ଶତାଧିକ ନାଗରିକ ଯୋଗଦିବସ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

## ଏମ୍.ଓ.ଏସ୍.ଜେ.ଇ. - ଯୋଗ

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଆନ୍ତର୍ଜାତିକ ଯୋଗଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ୧ ହଜାର ୫ ଶହରୁ ଅଧିକ ବରିଷ୍ଠ ନାଗରିକ ଭାଗ ନେବେ । "ସୁସ୍ଥ ଆୟୁ ପାଇଁ ଯୋଗ" ବାର୍ତ୍ତା ନେଇ ମନ୍ତ୍ରଣାଳୟ ପକ୍ଷରୁ ମାନସିକ ସୁସ୍ଥତା ଏବଂ ଦୀର୍ଘ ଜୀବନ ଲାଗି ଯୋଗକୁ ଦୈନନ୍ଦିନ ଜୀବନର ଅଂଶବିଶେଷ ଭାବେ ଅଭ୍ୟାସ କରିବା ଲାଗି

ଏହି କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯିବ । ସୂଚନା ଅନୁଯାୟୀ ବରିଷ୍ଠ ନାଗରିକମାନେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷ ଯୋଗାଭ୍ୟାସ କରିବେ ।

## ପି.ଏମ୍. - ନାଭି ପ୍ଲାଟ୍‌ଫର୍ମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କୋଲ୍‌କାତାରେ ଭାରତୀୟ ନୌସେନାର ୩ଟି ଯୁଦ୍ଧପୋତ-ଆଇ.ଏନ୍.ଏସ୍. ଦୁନାଗିରି, ଆଇ.ଏନ୍.ଏସ୍. ସଂଶୋଧକ ଏବଂ ଆଇ.ଏନ୍.ଏସ୍. ଆଗ୍ରୟକୁ ନୌସେନାରେ ସାମିଲ୍ କରିବେ । ଏହି ୩ଟି ଜାହାଜ ସମ୍ପୂର୍ଣ୍ଣଭାବେ ଭାରତରେ ନିର୍ମାଣ କରାଯାଇଥିବାବେଳେ, ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି । ଆଇ.ଏନ୍.ଏସ୍. ଦୁନାଗିରି ଏକ ଅତ୍ୟାଧୁନିକ ଷ୍ଟେଲ୍‌ଥ ଫ୍ରିଗେଟ୍, ଆଇ.ଏନ.ଏସ୍. ସଂଶୋଧକ ଏକ ବୃହତ୍ ସର୍ଭେ ଜାହାଜ ଏବଂ ଆଇ.ଏନ୍.ଏସ୍. ଆଗ୍ରୟ ଏକ ପରମାଣୁ ବିରୋଧୀ ଯୁଦ୍ଧ ଜାହାଜ । ଏହି ପ୍ଲାଟ୍‌ଫର୍ମଗୁଡ଼ିକ ଭାରତୀୟ ନୌସେନାର ଯୁଦ୍ଧକ୍ଷମତା, ସାମୁଦ୍ରିକ ସର୍ଭେ ଏବଂ ଉପକୂଳ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ । ସୂଚନା ଅନୁଯାୟୀ ଆଇ.ଏନ୍.ଏସ୍. ଦୁନାଗିରିରୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମଧ୍ୟ ମଧ୍ୟମ ରେଞ୍ଜ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ସଂଶୋଧକ' ଗଭୀର ଜଳରେ ଶତ୍ରୁ ପକ୍ଷର ମୁକାବିଲା କରିପାରିବା ଭଳି

ବ୍ୟବସ୍ଥା କରାଯାଇଛି । ଆଇ.ଏନ୍.ଏସ୍. ଆଗ୍ରୟରେ ଆଧୁନିକ ଯୁଦ୍ଧାସ୍ତ୍ର ପରିବହନ ସହ ରକେଟ୍ ଉତ୍କ୍ଷେପଣ ବ୍ୟବସ୍ଥା କରାଯାଇଛି ।

## ନୀଟ୍ - ଏକ୍ଜାମ୍

ନୀଟ୍-ୟୁ.ଜି. ପୁନଃ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହେଉଛି । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଏହି ପ୍ରବେଶିକା ପରୀକ୍ଷା ଦେବେ । ଇଂରାଜୀ ସମେତ ୧୨ଟି ଭାରତୀୟ ଭାଷାରେ ପରୀକ୍ଷା ଅନୁଷ୍ଠିତ ହେବ । ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷାକୁ ସ୍ୱଚ୍ଛ ଢଙ୍ଗରେ ପରିଚାଳନା କରିବା ଲାଗି ଗତକାଲି ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ. ପକ୍ଷରୁ ଦେଶବ୍ୟାପୀ ମକ୍ଡ୍ରିଲ୍ କରାଯାଇଥିଲା । ମକ୍ଡ୍ରିଲ୍‌ରେ ଜାମର୍‌ଗୁଡ଼ିକର କାର୍ଯ୍ୟକାରିତା, ସି.ସି.ଟି.ଭି. ନିରୀକ୍ଷଣ, ବାୟୋମେଟ୍ରିକ୍ ପ୍ରମାଣିକରଣ ବ୍ୟବସ୍ଥାଗୁଡ଼ିକର ଶତ ପ୍ରତିଶତ କାର୍ଯ୍ୟପ୍ରଣାଳୀ ଯାଞ୍ଚ୍ କରାଯାଇଥିଲା ।

ଏହି ପରୀକ୍ଷାପାଇଁ ୨ ଲକ୍ଷରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେମାନଙ୍କ ମଧ୍ୟରେ ନିରୀକ୍ଷକ, ସହଯୋଗୀ, ପୁଲିସ୍ ଫୋର୍ସ ଓ ପ୍ରଶାସନିକ ଅଧିକାରୀ ଅଛନ୍ତି । ସ୍ୱଚ୍ଛ ଢଙ୍ଗରେ ପରୀକ୍ଷା ପରିଚାଳନାପାଇଁ ବହୁମୁଖୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପରୀକ୍ଷା ସମୟରେ ସି.ସି.ଟି.ଭି.

ନିରୀକ୍ଷଣ ସହ ଆଧାର ଆଧାରିତ ଚିହ୍ନଟ ଓ ପରୀକ୍ଷାରେ ନିୟୋଜିତ ଗାଡ଼ିଗୁଡ଼ିକରେ ଜି.ପି.ଏସ୍. ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ଆଜି ଅପରାହ୍ଣ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଏହି ପ୍ରବେଶିକା ପରୀକ୍ଷା ହେବାକୁ ଥିବାବେଳେ ଯେଭଳି କୌଣସି ଭ୍ରମାତ୍ମକ ସୂଚନା ପ୍ରସାରଣ ନ ହେବେ, ସେନେଇ ଏନ୍.ଟି.ଏ. ପକ୍ଷରୁ ସାମାଜିକ ଗଣମାଧ୍ୟମଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପରୀକ୍ଷା ପରିଚାଳନାରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ସମସ୍ତ ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ଓ.ଆର୍.ଏସ୍. ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିବାବେଳେ ପରୀକ୍ଷାର୍ଥୀଙ୍କ ଅଭିଭାବକଙ୍କ ବିଶ୍ରାମ ଲାଗି ବ୍ୟବସ୍ଥା କରାଯାଇଛି ।

## ରାଜନାଥ - ସୋଲ୍‌ଜର ଇଣ୍ଟରାକ୍ସନ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମେଘାଳୟର ଶିଲଂ ସ୍ଥିତ ପୂର୍ବାଞ୍ଚଳ ବାୟୁସେନା କମାଣ୍ଡ ମୁଖ୍ୟାଳୟରେ ଯବାନମାନଙ୍କ ସହ ଆଲୋଚନାବେଳେ ପ୍ରଯୁକ୍ତିବିଦ୍ୟା ବ୍ୟବହାର, ରଣନୈତିକ ଦୂରଦୃଷ୍ଟି ଏବଂ ନବସୃଜନ ଉପରେ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନର ଅସ୍ଥିର ବିଶ୍ୱରେ ଯେକୌଣସି ପ୍ରକାରର ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରହିବା ଲାଗି ଶ୍ରୀ ସିଂହ ଯବାନମାନଙ୍କୁ

କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସମୟରେ ଯୁଦ୍ଧକ୍ଷେତ୍ରରେ ଦେଖାଦେଉଥିବା ସାଇବର ଆହ୍ୱାନ, ପରିବହନ ସମସ୍ୟା, ଯୋଗାଣ ଶୃଙ୍ଖଳ ସୁରକ୍ଷା ଏବଂ ଡ୍ରୋନ୍‌ର ବ୍ୟବହାର ଭଳି ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ପାରମ୍ପରିକ ପ୍ରସ୍ତୁତି ଯଥେଷ୍ଟ ନୁହେଁ । ଦେଶର ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରି ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ କରିବା ଲାଗି ସମସ୍ତେ ପ୍ରୟାସ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ବୈଷ୍ଣବ - ରାଜସ୍ଥାନ ଭିଜିଟ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦିନିକିଆ ରାଜସ୍ଥାନ ଗସ୍ତରେ ଯାଇ କେତେକ ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ରାଜସ୍ଥାନରେ ରେଳଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ନେଟ୍‌ୱାର୍କର ସୁଦୃଢ଼ୀକରଣ ଦିଗରେ ଏହି ପ୍ରକଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ବୈଷ୍ଣବ ବିକାନିର ରେଳଷ୍ଟେସନରେ ଲାଲ୍‌ଗଡ଼-ସାବରମତୀ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଅପରାହ୍ଣରେ ଜୟପୁର ଯାଇ ଶ୍ରୀ ବୈଷ୍ଣବ ଖତିପୁରା ରେଳଷ୍ଟେସନ୍‌ରେ ଏକ କାର୍ଯ୍ୟକ୍ରମରେ ଜୟପୁର-ଦରଭଙ୍ଗା ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଖତିପୁରା ରେଳଷ୍ଟେସନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୃହତ୍ ରେଳ

ରକ୍ଷଣାବେକ୍ଷଣ ପରିଚାଳନା ଟର୍ମିନାଲ୍‌ର ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ବୈଷ୍ଣବ ଅନେକଗୁଡ଼ିଏ ଯାତ୍ରୀକୈନ୍ଦ୍ରିକ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବେ, ଯେଉଁଥିରେ ନୂଆ ପ୍ଲାଟ୍‌ଫର୍ମ ନିର୍ମାଣ, ପ୍ଲାଟ୍‌ଫର୍ମ ସମ୍ପ୍ରସାରଣ ଏବଂ ୪୧ଟି କ୍ଷୁଦ୍ର ଏବଂ ମଧ୍ୟମ ଧରଣର ରେଳ ଷ୍ଟେସନ୍‌ର ଉନ୍ନତୀକରଣ ଓ ୧୬ଟି ଷ୍ଟେସନରେ ସମନ୍ୱିତ ଯାତ୍ରୀ ସୂଚନା ବ୍ୟବସ୍ଥା ରହିଛି ।

# କ୍ରିକେଟ୍

ତିନି ସିରିଜ୍ ବିଶିଷ୍ଟ କ୍ରିକେଟ୍ ଫାଇନାଲ୍‌ରେ ଭାରତ-ଏ ଓ ଶ୍ରୀଲଙ୍କା-ଏ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦାମ୍ବୁଲ୍ଲାଠାରେ ଭାରତୀୟ ସମୟ ପୂର୍ବାହ୍ନ ୧୦ଟାରେ ମ୍ୟାଚ୍ ଆରମ୍ଭ ହେବ । ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଭାରତ-ଏ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଥିବାବେଳେ ତୃତୀୟ ମ୍ୟାଚ୍‌ରେ ଭାରତ-ଏ ସୁପର୍ ଓଭର୍‌ରେ ପରାସ୍ତ ହୋଇଥିଲା ।

*****